
# ପିଲାଙ୍କ କଥା
# (ବଂଜାରା)
## ଦ୍ୱିତୀୟ ଭାଗ



# ପିଲାଙ୍କ କଥା (ବଂଜାରା)

## ଦ୍ୱିତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ବଂଜାରା ସଂସାଧକ ମଣ୍ଡଳୀ**
**କ୍ଷୀରସାଗର ନାଏକ**
**ହୀରାଲାଲ ବଞ୍ଜାରା**
**କାର୍ତ୍ତିକରାମ ନାଏକ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ପ୍ରିୟରଞ୍ଜନ ବରାଳ**



ପ୍ରକାଶକ
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Banjara Resource Group**
**Kheersagar Naik**
**Hiralal Banjara**
**Kartikram Naik**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ବଂଜାରା ଭାଷାର ଦ୍ୱିତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ମାଟି (ମାଟି)

**ଆପଣେରୋ ଢ଼ଇ ଢ଼ଇ ଜିମବି ଆପଣ ଦେଖିହୀ ମାଟି ଦେଖେଟା ମଳିହ । ଏ ମାଟି କଇଛ ଇ କୁକନ ବଣିଛ ଓର ବିଷୟମ ଜାଣେକୋନରୁ କରନ ବେଟା ବାପେନ କେରେଛ । ଏକଦନ ମାର ବାଅ ଖାଚାମଅ ଗୋଲାପ ଝାଡ଼୍ ଜଗାରେରଅ ଓ'ମନ ପୁଛୋ ମାଟି କୁକନ ବଣିଛ ତୁ ଜାନାଛି କାଇଁ । ମ କୋନ୍ ଜାଣୁ କାରେନ କୋ ଓରପଛ ଓ ମନ କୋ ଯୋ କୋଟି କୋଟି ସାଲେ ର ବାଦ ପୃଥିବୀ ଏକ ଠିଆ ଆଙ୍ଗାରେରେ ପିଞ୍ଜଳା ରଅ 'ପୃଥିବୀ ଜତରା ଜତରା ଥଣ୍ଡା ମାରୋ ଭାଟା ଉପରେମ ପାଣି ପଡଏନ ଲାଗୋ '**



ଆମକୁ ଆମର ଚାରିପଟେ ଯୁଆଡ଼େ ଦେଖିଲେ ମାଟି ଦେଖିବାକୁ ମିଳେ । ଏ ମାଟି କ'ଣ ଅଛି, କିପରି ଅଛି ଏ ବିଷୟରେ ମୁଁ କିଛି ଜାଣେ ନାହିଁ ବୋଲି ପୁଅ ବାପାକୁ କହୁଛି । ଦିନକର କଥା, ବାପା ଗୋଲାପ ଗଛଟିଏ ଲଗାଇବା ପାଇଁ ଗାତଟିଏ ଖୋଳୁଥିଲା । ପୁଅକୁ ପଚାରିଲା ମାଟି କିପରି ତିଆରି ହୋଇଛି, ତୁ ଜାଣିଛୁ କି ? ମୁଁ ଜାଣି ନାହିଁ । ତା' ପରେ ବାପା କହିଲେ କୋଟି କୋଟି ବର୍ଷ ପୂର୍ବରୁ ପୃଥିବୀ ଏକ ଉତ୍ତପ୍ତ ଅଗ୍ନି ପିଣ୍ଡୁଳାଟିଏ ଥିଲା । ପୃଥିବୀ ଧିରେ ଧିରେ ଥଣ୍ଡା ହେବାକୁ ଲାଗିଲା ଏବଂ ପଥର ଉପରେ ପାଣି ପଡ଼ିଲା ।

ପିଲାଙ୍କ କଥା

**ଅଶୋକରଣୀ ହଜାର ହଜାର ସାଲ ଅରଧାନୀ ପାଣି ମାରୋ ୱ୍ୱାହନ ହେଛ 'ଗରମ ହେ ଥାଣି ଭାଟା ଫୁଟ ଗୋ, କୋଟି କୋଟି ସାଲ ଧରଥାନୀ ଭାଟା ଆସୋ ଫୁଟେନ ଲାଗୋ ତୋ ଧୂଡେମଅ ପରିଣତ ହେଗୋ 'ଓର ପଛ ମାଟିମ ବଦଲଗୋ, ଇ ଆଷ୍ଚର୍ଯ୍ୟର ୱ୍ୱାତ ନୋହୋକାଇ ବାଆ ଅଜି କଛ ମାଟି ଅଲେଗୋ ଅଲେଗୋ ପ୍ରକାରେରୋ କହ୍ନାର ମାଟି, ଖଲିଆ ମାଟି, ଖାଟୁ ମାଟି, ଧୁଉ ଜକୋ ମାଟିମ ଧୂଡ୍ କୋନର ଓନ କହ୍ନାର ମାଟି କଛ । ଖାଟୁ ମାଟି ଧୁଡ୍ ମାଟି ମି ଜାଦା ହ୍ୟୁମସ ରଛା,**



ଏହି ପରି ହଜାର ହଜାର ବର୍ଷ ପରେ ପାଣି ଓ ପବନ ଦ୍ୱାରା ଗରମ ପଥର ଉପରେ ପାଣି ପଡ଼ିବାରୁ ପଥରମାନେ ଫାଟିବାକୁ ଲାଗିଲା । ଏହି ପରି କୋଟି କୋଟି ବର୍ଷ ଧରି ପଥର ଗୁଡ଼ିକ ଫାଟିବାରୁ ବାଲିରେ ପରିଣତ ହେଲା । ତା ପରେ ପରେ ମାଟିରେ ପରିଣତ ହେଲା । ବାପା, ଏ କଥା ଆଶ୍ଚର୍ଯ୍ୟ ନୁହେଁ କି ? ଆହୁରି ଅନେକ ପ୍ରକାରର ମାଟି ଅଛି । ମଟାଳ ମାଟି, ହଳଦିଆ ମାଟି, ଉର୍ବର ମାଟି, ବାଲିଆ ମାଟି ଇତ୍ୟାଦି । ଯେଉଁ ମାଟିରେ ବାଲି ନ ଥାଏ, ତାକୁ ମଟାଳ ମାଟି କୁହାଯାଏ । ଉର୍ବର ମାଟି ଓ ବାଲିଆ ମାଟିରେ ବେଶୀ ପରିମାଣରେ "ହ୍ୟୁମସ୍" ରହେ । ପୁଅ ପଚାରେ "ହ୍ୟୁମସ୍" କଣ ?

**ପିଲାଙ୍କ କଥା**

**ମ ପୁଛୋ ଇ ହୁମସ କାଏ ଛଅ ବାପ କେଛ ଝାଡ୍ ବୁଟ ଏରୋ ପାନ ଜିଉ ଜନ୍ତୁ ଅନ ଖୋବର ଇସପା ମିସ୍ଥାଣି ହ୍ୟୁମସ ତିଆରି ହାଛ । ଏର କାଣ ମାଟି ଉସାଶ ହେଆଓ୍ୱଛ ଖଲିଆ ମାଟି ମ ହ୍ୟୁମସକମ ରଛ, ମଅ ବାଆନ ପୁଛୋ ଆଲଗୋ ଆଲୋଗ ଫସଲ ଏ ଟା ଅଲଗୋ ଅଲଗୋ ମାଟି ଦରକାର ପଡ୍ଛ କାଇଁ । ବାଆକୋ ହାଁ ଧୁଡ୍ ମାଟି ମଅ କଳିନ୍ଦର ଅନ୍ ଫୁଟ୍ ମକା ଇସପାନ ଚାଷ କରାଆଓ୍ୱାଛା ଖାତୃ ମାଟିମ ଗହୁ, ଚଣା ପତାଳ ଇଜି କତ୍ରାକ ଜିନିଷ ଚାସ କରଛ । କହ୍ନାର ମାଟି ମଅ ଧାନ, ମୁଙ୍ଗ, କପସା ଅନେକ ଜିନିଷ ଚାଷ କରାଆଓ୍ୱଛ ।**



ବାପା କହିଲେ ବିଭିନ୍ନ ଗଛର ପତ୍ର, ଜୀବଜନ୍ତୁ ଓ ଗୋବର ମିଶି ହ୍ୟୁମସ୍ ତିଆରି ହୁଏ । ଏଥିପାଇଁ ମାଟି ଉର୍ବର ହୋଇଥାଏ । ହଳଦିଆ ମାଟିରେ ମଧ୍ୟ ହ୍ୟୁମସ୍ ରହେ । ମୁଁ ବାପାଙ୍କୁ ପଚାରିଲି ଭିନ୍ନ ଭିନ୍ନ ଫସଲ ପାଇଁ ଭିନ୍ନ ଭିନ୍ନ ପ୍ରକାରର ମାଟି ଦରକାର ପଡେ କି ? ବାପା କହିଲେ ହଁ, ବାଲିଆ ମାଟିରେ ତରଭୂଜ, ଖରଭୂଜ, ମକା ଏସବୁ ଚାଷ କରାଯାଏ । ଖତ ବା ଉର୍ବର ମାଟିରେ ଗହମ, ଚଣା, ଟମାଟୋ, ଇତ୍ୟାଦି ଚାଷ କରାଯାଏ । ମଟାଳ ମାଟିରେ ଧାନ, ମୁଗ, କପା, ଇତ୍ୟାଦି ଚାଷ କରାଯାଏ ।

# ବନ ବିଲୁଆ ଏନ ଉନ୍ଦରା
# (ବଣ ବିଲୁଆ ଓ ମୂଷା)

ଏକ ଠିଆ ଗାମେ ଡିରେମ ମଟୋ ଝାଡ଼ି ରଅ । ତୋ ଅନେକ ପ୍ରକାରେ ରୋ ଜିଓ ଜନ୍ତୁ ଓ୍ୱାସ କାରରେଛ । ଓନେ ମହିମଅ ବଣ ବିଲୁଆ ଏକ ଠିଆରଅ । ଓର୍ ନାମ ର ଚିକୁ । ଚିକୁ ଓଡେରୋ ଉନ୍ଦରା, ଟେଟକା ହେନେନଅ ମାରଥାଣି ଖାତେର 'ଅଶୋ କର ଅନ୍ ଜାଏର ବାଦ ଚିକୁ କାଏକୋନ୍ ଖାଦେରଅ । ଓନ ବହୁତ ଭୁକ ଲାଗରୀରଅ ।' ଓ ଏକ ଓ୍ୱାଟ ଏମଅ ଜାତୋ ଜାତୋ ଦେଖେଛ ଓଡଅ ଏକ ଠିଆ ନାନକି ଉନ୍ଦରା ଛ । ଓର ନାମ ରଅ ମିକୁ, 'ଚିକୁ ମିକୁନ ଦେଖଥାନି ବହୁତ ଖୁସ ହେଗୋ ।




ଗୋଟିଏ ଗାଁ ପାଖରେ ବଡ଼ ଜଙ୍ଗଲ ଥିଲା । ସେଠାରେ ଅନେକ ପ୍ରକାରର ଜୀବଜନ୍ତୁ ବସବାସ କରୁଥିଲେ । ତା ମଧ୍ୟରେ ଗୋଟିଏ ବଣବିଲୁଆ ଥିଲା । ତା'ର ନାମ ଚିକୁ । ଚିକୁ ସେଠରେ ମୂଷା, ଏଣ୍ଡୁଅ ମାନଙ୍କୁ ମାରି ଖାଉଥିଲା । କିଛି ଦିନ ବିତିଲା ପରେ ଚିକୁ କିଛି ଖାଇବାକୁ ପାଇଲା ନାହିଁ । ତାକୁ ବହୁତ ଭୋକ ଲାଗିଲା, ସେ ଗୋଟିଏ ରାସ୍ତାରେ ଯାଉ ଯାଉ ଦେଖିଲା ସେଠାରେ ଗୋଟିଏ ମୂଷା ଅଛି । ତା'ର ନାମ ଥିଲା ମିକୁ । ଚିକୁ ମିକୁକୁ ଦେଖି ବହୁତ ଖୁସି ହେଲା । ଭାବିଲା ମୂଷାକୁ ମାରି ଖାଇବ । ଚିକୁ ମିକୁ କୁ କହିଲା- ଆଜି ତତେ ମୁଁ ଖାଇବି ।

**ଭାବେଛ ଉନ୍ଦରା ନ ମାର୍‌ଥାଣି ଖାହିଁ । ଚିକୁ କେଛ ମିକୁ ମିକୁ ମ ଆଜ ତୋନ ଖାହି, ଇ ଓ୍ୱାତ୍ ସାମଳ ଥାଣି ମିକୁ ଡ଼ରଗୋ । ନଓ ବୁଦ୍ଧି ଭାବେଛ, କେଛ ଚିକୁ ଭିଆ ତୁ ମନ ମତ୍ ଖୋ । ମତାର କାମେମ ଆହି' ଚିକୁ ଅଜି ହାସେଛ, ଅନ କେଛ ତୁତୋ ଦେଖିତୋ ନାନକିଆ "ଜୀଉଜ୍ଞ" କୁକନ ତୁ ମାର କାମେମ ଅଇସ୍ / ମିକୁ କେଛ ଚିକୁ ଭିଆ ମଅ ଦେଖେଏଟା ସିନାନ ନାନ କିଆଛୁ, ମଅ ଜରୁର ତାର କାମେମ ଆହି, ଚିକୁ ର ମନେମଅ ମିକୁ ଏଟା ଦୟାଆଗି' ଅନୁକେଛ ଆଜେଶୀ ଆପଣ ଦୋଇ ସାଥୀହିଆ,**



ମିକୁ ଏକଥା ଶୁଣି ଦୌଡ଼ିଲା ଓ ନୂଆ ବୁଦ୍ଧି ଖୋଜିଲା । କହିଲା, ଚିକୁ ଭାଇ ତୁମେ ମତେ ଖାଅ ନାହିଁ । ମୁଁ ତୁମର କାମରେ ଆସିବି । ଚିକୁ ହସିଲା ଓ କହିଲା ତୁ ତ ଗୋଟିଏ ଛୋଟ ଜୀବ, ତୁ କିପରି ମୋର କାମରେ ଆସିବୁ । ମିକୁ କହିଲା, ଚିକୁଭାଇ ମୁଁ ଦେଖିବାକୁ ସିନା ସାନ ଛୁଆ । ମୁଁ ତୁମ କାମରେ ଆସିବି । ଚିକୁର ମନରେ ମିକୁ ଉପରେ ଦୟା ଆସିଲା । ଆଜିଠାରୁ ଆମେ ଦୁହେଁ ସାଥୀ ହୋଇ ରହିବା, ମିକୁ ବି ତାର କଥା ମାନିଲା । ଗୋଟିଏ ଦିନର କଥା,


**ମିକୁ ବି ଓର ଓ୍ୱାତେନ ମାନଗୋ । ଏକଦୋନେରୋ ଓ୍ୱାତ ମିକୁ ଏକଠିଆ ଭୋଜି ମ ଗେର’ଓ ଫେରେଡଣା ଭୋଜିସିନ ଖରିମାହାଳି ଦି ଠିଆ ଲି ଆଓ । ଓ ଚିକୁ ନ ଡୁଣ୍ଡେନ ନିଲଗୋ । ଜାତୋ ଜାତୋ ଦେଖେଛ ଚିକୁ ଶିକାରୀର ଜାଲେମ ଛନ୍ଦା ଗେଛ । ଓ ତୁରନ୍ତ ତୁରନ୍ତ ଜାଥାଣୀ ଜାଲେଣ ରେ ତିକୋ ତିକୋ ଦାତେମ କାଟଦିନୋ ତୋ ଚିକୁ ଜାଳେସି ନିକଳ ଗୋ ଫେର ଅହନ ଖୁସିମ ସାଥ ହେଥାଣି ଝାଡ଼ିମ୍ ଚଳେଗେ ଆବ ଚିକୁ ବୁଝେନ୍‌ସକୋ ମିକୁ ନାନକିଆହେଲେ ବି ଓର କାମକିଦୋ ।**



ମିକୁ ଭୋଜିକୁ ଯାଉଥିଲା । ଭୋଜିରୁ ଫେରିଲା ବେଳେ ଦୁଇଟି ଶୁଖୁଆ ମାଛ ଆଣିଲା ଓ ଚିକୁକୁ ଖୋଜିବାକୁ ବାହାରି ଗଲା । ଯାଉ ଯାଉ ଦେଖିଲା ଯେ ଚିକୁ ଶିକାରୀର ଜାଲରେ ଛନ୍ଦି ହୋଇଯାଇଛି । ସେ ସଙ୍ଗେ ସଙ୍ଗେ ତା’ ମୁନିଆ ଦାନ୍ତରେ ଜାଲଟିକୁ କାଟିଦେଲା । ତା’ ପରେ ଚିକୁ ଜାଲରୁ ମୁକ୍ତ ହେଲା । ପରେ ସେମାନେ ଖୁସିରେ ସାଥୀ ହୋଇ ଜଙ୍ଗଲକୁ ଚାଲିଗଲେ । ଏବେ ଚିକୁ ବୁଝିପାରିଲା ଯେ, ମିକୁ ସାନ ଛୁଆ ହେଲେ ବି ତା’ର କାମ କରିଦେଲା ।

# ଛେଳି ପଲାରୋ ଚଲାକି (ଛେଳି ଛୁଆର ବୁଦ୍ଧି)

ଡୁଙ୍ଗରେ ମହି ଏକ ଠିଆ ଛେଳି ପିଲା ଚରତିର ଏକ ଠିଆ ୱାହାଗ ଓର କହ୍ନେସୀ ଆଓ । ଛେଳି ପିଲା ସୋଚୋ ୱାହାଗ ସହି ମନ ମାର ଥାଣୀ ଖା ଯାହା ଜନ ମ କୁକନ ୱାଛି କରଥାଣୀ ଏକଠିଆ ବୁଦ୍ଧି ଢୁଣ୍ଡୋ । କେରେଛ ୱାହାଗ ମମା ତୁତୋ ମନ ମହିସ ଆଜ ଖୋଜାଇସ । ତୋ ମନ ଖାଏରୋ ଆଙ୍ଘାଣି ସି ମାରୋ ଏକଠିଆ ବିନତି ଛ । ତୁତୋ ଜରା ୱାସଲି ଓଜାଏଲେ ତୋ ଓ ଯାଏନ ଜାଣଛି ଏନ ମ ସାମଲୁ । ଜନା ମ ବିତୋ ଅଛା ନାଚେନ ଜାଣୁଛୁ । ତୁ ୱାସଲି ଓଜଏଲେ ମ ନାଛି । ତାହେଲେ ମ ଖୁସ ହୋଥାଣୀ ମରତୋ କେରେଛୁ । ୱାହାଗ ଛେଳି ପିଲାରୋ ୱାତେନ ସାମଲ ଥାଣୀ ମନେ ମନେମ ଏକନି ହାସ ଥାଣୀ କେରେଛ, ଯୋ ମ ୱାସଲି ଓଜଉଛୁ ।



ଗୋଟିଏ ଜଙ୍ଗଲରେ ଛେଳି ଛୁଆଟିଏ ଚରୁଥିଲା । ତା ପାଖକୁ ବାଘଟିଏ ଆସିଲା । ଛେଳି ଛୁଆଟି ଭାବିଲା ମତେ ମାରି ବାଘ ଖାଇଯିବ । ଭଲ କରି ସେ ବୁଦ୍ଧି ଖୋଜିଲା । କହିଲା, ବାଘମାମୁଁ ତୁମେ ଆଜି ମନଇଚ୍ଛା ମତେ ଖାଇଯିବ, କିନ୍ତୁ ମତେ ଖାଇଯିବା ଆଗରୁ ମୋର ଗୋଟିଏ ବିନତି ଅଛି । ତୁମେ ବଂଶୀ ବଜାଇବାକୁ ଜାଣ, ତେବେ ମୁଁ ଟିକିଏ ଶୁଣିବି । ମୁଁ ମଧ୍ୟ ନାଚିବାକୁ ଜାଣିଅଛି । ତୁମେ ବଂଶୀ ବଜାଇଲେ ମୁଁ ନାଚିବି, ତେବେ ମୁଁ ଖୁସି ହୋଇ ମରିଯିବି ବୋଲି କହିଲା । ଛେଳି ଛୁଆର କଥାକୁ ଶୁଣି ମନେ ମନେ ହସି କହିଲା,

ଓ୍ୱାହାଗ ଓ୍ୱାସଲି ଓଜାରେଛ ଅନ ଛେଲିପିଲା ନାଚରେଛ । ଅଜି କନ୍ହେସୀ ନରିହା କୁଳଡା ହନ ଛେଲି ଚରାରେର, ଓ୍ୱାସଲି ଓରା ସୁର ସାମଲ ଥାଣୀ ଓନେରୋ ସାକ୍ୱାର ବଳାରେଛ କର ଥାଣୀ । ଦଉଡ ଥାଣୀ ଯାଥାଣୀ ଦେଖଛ । ଯେ ଓ୍ୱାହାଗ ଓ୍ୱାସଲି ଓଜାରେଛ । ଆଙ୍ଘାଣି ଉଡି ଛେଲି ପିଲା ହୁବ ରେଥାଣୀ ନାଚ ରେଛ । ଓନ ଦେଖ ଥାଣୀ ନରିହ କୁଳଡା ହନ ଖଳ ଖଲା ଥାଣୀ ହାସ ରେଛ ଓତେସି ଓ୍ୱାହାଗେନ ମାରେ ଜୁଗୁର ଦଉଡାଏ । ଜନ ଓ୍ୱାହାଗ ଛେଲି ପିଲା କତେସି ଖାଓ୍ୱେଛ ନରିହା କୁଳଡା ହେନେନ ଦେଖ ଥାଣୀ ପରାଣେ ରୋ ଡରେମ ଦଉଡ ଗୋ । ତାହାଲେ ନରିହା କୁଳ ଡାହାନ ଛେଲି ପିଲା ଚାଲାକି ନରିହା କୁଳଡା ହନ ଖୁବ ଅରା ପାଏ ।



ମୁଁ ବଂଶୀ ବଜାଉଛି । ବାଘ ବଂଶୀ ବଜାଉଛି ଏବଂ ଛେଳି ଛୁଆ ନାଚୁଛି । ଅତି ନିକଟରେ ନରିହା ପିଲାମାନେ ଛେଳି ଚରାଉଥିଲେ । ବଂଶୀର ସ୍ୱର ଶୁଣି ଆମର ମାଲିକ ଡାକୁଛନ୍ତି ବୋଲି ଦଉଡ଼ି କରି ଦେଖିଲେ ବାଘ ବଂଶୀ ବଜାଉଅଛି । ସାମନାରେ ଛେଳି ଛୁଆ ଠିଆହୋଇ ନାଚୁଅଛି । ଏହାକୁ ନରିହା ପିଲାମାନେ ଦେଖି ଖିଲି ଖିଲି ହସୁଥିଲେ , ତା' ପରେ ବାଘ ସେମାନଙ୍କୁ ମାରିବା ପାଇଁ ଦଉଡ଼ିଲା । ତେବେ ବାଘ ଛେଳିଛୁଆକୁ କେମିତି ଖାଇବ ? ନରିହା ପିଲାମାନଙ୍କୁ ଦେଖି ପ୍ରାଣ ଭୟରେ ପଳାଇଗଲା । ତା ପରେ ଛେଳିଛୁଆର ଚତୁରତାକୁ ନରିହା ପିଲାମାନେ ଖୁବ୍ ଭଲ ପାଇଲେ ।

ପିଲାଙ୍କ କଥା

# ଗର୍ବେ ନ୍ଯୁଗୁର ଖତମ୍ (ଗର୍ବ ଦୂର ହେଲା)

ଏକ ଝଣା ଖୁବ୍ ଧନୀ ଲେଖକ ରଅ । ଅନ ଅସୋ ଗର୍ବ କରତେ ରଅ । ମାର ସେର କୋଇ ମନଖ୍ୱିଆ ନଙ୍ଗଦ୍ ଦିଖ ତେ କୋନରଅ । ଗରିବ ଦୁଃଖ୍ୱି ଆଦମିର ଓ୍ୱାତ ଛୋଡୋ ନାମୀ ଲେଖକ ହେନେନ ବି କାଇ ସମଝ ତେର ଅ । ଓର ଘରଓ୍ୱାଲି ର ଓର ଲେଟା ସଭାବେରୋ । ଓ ବାରମ୍ବାର ରେ ଘରେଓ୍ୱାଲେ । ନଅ କେତିରଅ ନ୍ଯୋ ଦେଖତୋ କୋଇ କେରି ନୋହୋ । ଓର ଏଟା ତୁ ଆଜ ନ୍ଯାହା ବି ଚିଜ୍ ପାମେଲେଛି ଓର ଏଟା ସପାଉଣା ଖୁସି ର । ଲେକିନ ଧନୀ ଆଦମି ନିଜେ ର ଘରେଓ୍ୱାଲି ଓ୍ୱାତେନ ସାମଲ ଥାଣୀ ଦୂର ଦୂର ମାର ମାର କରଛ । ଏକ ଦିନର ଓ୍ୱାତ, ଧନୀ ଆଦମି ଆନନ୍ଦ ଏମ ସୁସ୍ୱାଦୁ ଦୋପରେ ରୋ ଭୋଜନ ଖାରେରଅ । ହଠାତ ମାହାଳି ର କାଟା ଓର ଘଡୋଡ଼ି ମ ଅଟକଗୀ ।




ଜଣେ ବଡ଼ ଧନୀ ଲେଖକଟିଏ ଥିଲେ । ସେ ଗର୍ବ କରୁଥିଲା ଯେ, ମୋ ଠାରୁ କେହି ବଡ଼ଲୋକ ନାହାନ୍ତି । ଗରିବ ଲୋକଙ୍କ କଥା ଛାଡ଼ନ୍ତୁ, ବଡ଼ ବଡ଼ ଲେଖକ ମାନଙ୍କୁ ମଧ୍ୟ ଖାତିର କରୁ ନ ଥିଲେ । ତା'ର ବିପରୀତ ସ୍ୱଭାବର ଥିଲା ଓ ବାରମ୍ବାର ସ୍ୱାମୀକୁ କହୁଥିଲା, କେହି କାହାରି ନୁହଁନ୍ତି ତୁମେ ଯେତେ ଜିନିଷ ପାଇଛ ତା' ପାଇଁ ସବୁବେଳେ ଖୁସିର ରହ । ତା'ର ସ୍ତ୍ରୀର କଥାକୁ ନ ଶୁଣି ସବୁବେଳେ ଗାଳିଗୁଲଜ କରେ । ଦିନକର କଥା ସେହି ଧନୀ ବ୍ୟକ୍ତି ବଡ଼ ଖୁସିରେ ମଧ୍ୟାହ୍ନ ସମୟରେ ସୁସ୍ୱାଦୁ ଭୋଜନ କରୁଥିଲା । ହଠାତ୍ ମାଛର କଣ୍ଟା ତା କଣ୍ଠରେ ଅଟକିଗଲା ଆଉ ବାହାରି ପାରିଲା ନାହିଁ ।

ଓ ଆଜି କୋନ ନିକଲି । ଅନ ଜ୍ୟାଦା ଦୁଖେଲାଗ୍ ଓ ଅନେକ ଉପାୟ କିଦୁ ଲେକିନ ନିକଲୋଜ କୋନି । ଓ ବଇଦ ଏନ ବଲାଏନ ମେଲୋ, ଲେକିନ ବଇଦ ଅଲଗେ କାଇ କାମେମ ବ୍ୟସ୍ତ ରଅ । ଏନ ଆ କୋନ ସକୋ । ଓରପଛ ଧନୀ ଆଦମି ବିକଳ ହେ ଥାଣି ନିଜେ ଓରପର ଟମ୍ଡୋ ଲାହାରେ ସି ବଇଦ ଆତ । ବଇଦ ଦେଖ ଥାଣୀ କେରେଛ ଖୋଦ ସମସ୍ୟା କାଟା ଯତେସି ଅନ ଜସୋ ହିସାବ ଏମ ଛ ଓ ନିକଲେ କୋନ ସକଥ, ଲେକିନ ଦୁଖା ଏଟା ଇତ୍ରି ଖାଣ୍ ଝାଡ୍ ବୁଟ ଦଛୁ ଲେଜୋ । ଧନୀ ଆଦମି ବିକଲେମବଇଦ ଏନ ପୁଛରେଛ ଏର ପଛ କୁକୁନ ହିଅ, ବଇଦ କେଛ – କାଇ କୋନ କେହେ ହ –



ଅନେକ ଉପାୟ କରି ମଧ୍ୟ କଣ୍ଟା ବାହାରିଲା ନାହିଁ । ସେ ବହୁତ କଷ୍ଟ ପାଇଲା । ସେ ବୈଦରାଜ ଡକାଇ ପଠାଇଲେ, କିନ୍ତୁ ସେ ଅନ୍ୟ କାମରେ ବ୍ୟସ୍ତ ଥିବାରୁ ଆସି ପାରିଲେ ନାହିଁ । ତା' ପରେ ଧନୀ ବ୍ୟକ୍ତି ବିକଳ ହୋଇ କଣ୍ଠରେ ଲାଗିଥିବା କଣ୍ଟାକୁ ନିଜ ହାତରେ ଆଉଁସିଲା । ପରେ ବୈଦରାଜ ଆସିଲେ ଏବଂ ଦେଖିବା ପରେ କହିଲେ ଯେଉଁ ପ୍ରକାରରେ କଣ୍ଟାଟି ଲାଗିଛି ବାହାରିବ ନାହିଁ । କିନ୍ତୁ ଦରଦ କମିବା ପାଇଁ ଔଷଧ ଟିକିଏ ନେଇଯାଅ । ଧନୀ ବ୍ୟକ୍ତି ବିକଳରେ ବଇଦଙ୍କୁ ପଚାରୁଛନ୍ତି ଏହା ପରେ କିପରି ହେବ, ବଇଦ କହିଲେ କିଛି ହେବ ନାହିଁ କଣ୍ଟା ଭିତରେ ଥାଇ ଖରାପ ହୋଇ ପାଚିଯିବ ।

ମହିମ ରେ ଥାଣୀ ପାକ ଥାଣୀ ଖରାପ ହେଜାସକ ଧନୀ ଆଦମି ର ବୁଦ୍ଧି ଗମାଗୋ । ଓର ମନ ଓ କାଟା ମଅ ଅଟକଗୋ । ନିଜେ ରୋ ଜୁଗୁ ଗର୍ବ କର ତେର ଅ ସପା କିମ ଚଲାଗୋ ଓ ବିକଳ ହେଥାଣୀ ଖେନ ଦେଖ ତେର ରେ ମାହାଳି କାଟା କୁକନ ନିକଳିହ ଅ ଓର ଓ୍ୱାଟ ପୁଛ ତେର ଅ । ଲାହାରେଶି ଏକ ଝଣା ଓର ବୁଦ୍ଧି ଖଟା ଥାଣୀ କାଟା ନ ନିକାଲ ଦିନୋ, ଧନୀ ବ୍ୟକ୍ତି ଆଛା କେ ଥାଣୀ ଓନ୍ ପୋଟାର ଲିଦୋ । (ଓର ଲାହାରେ ଜନ ଓ ପ୍ରମାଣ ପାଗୋ ଅନ୍ ଓ ଗର୍ବୀ କରେରୋ, ଫଳ ପାଏଛୁ । ଧନ ଓର ଘରଓ୍ୱାଲି କୋ ତୁ ଯାଇ କେତିରସ ଠିକ୍ । ଏକ ଠିଆ ସାମାନ୍ୟ ମାହାଳି କାଟା କତ ରୋ ପଡି ମ ମନ ବିଚିତ୍ର କରଦିନୋ, ମେ ମ ସବ ଭୁଲାଗୋ ।



ଏହା ଶୁଣି ତା'ର ବୁଦ୍ଧି ହଜିଗଲା । ତା'ର ମନ କଣ୍ଟାରେ ରହିଗଲା । ନିଜ ପାଇଁ ଗର୍ବ କରୁଥିଲା । ସେସବୁ କୁଆଡ଼େ ଚାଲିଗଲା । ଯାହାକୁ ଦେଖିଲେ ମାଛକଣ୍ଟା କିପରି ବାହାରିବ ପଚାରୁଥିଲା । ଜଣେ ବ୍ୟକ୍ତି ବୁଦ୍ଧି ଖଟାଇ କଣ୍ଟାଟି ବାହାର କରିଦେଲା । ଧନୀ ବ୍ୟକ୍ତି ତାକୁ ଧନ୍ୟବାଦ ଦେଇ କୋଳେଇ ପକାଇଲା । ତା' ପରଦିନ ସେ ପ୍ରମାଣ ପାଇଲା ମୁଁ ଗର୍ବ କରିବାର ଫଳ ପାଉଛି । ତୁ ଯାହା କହିଥିଲୁ ତାହା ଠିକ୍ । ସାମାନ୍ୟ ଗୋଟିଏ ମାଛ କଣ୍ଟାଟି ମୋର ମନକୁ ବିଚିତ୍ର କରିଦେଲା ।, ମୋର ଅହଂଭାବ ଦୂର ହୋଇଗଲା ।

# ବଉଲା ଗାଓ୍ୱଡ଼ି (ବଉଲା ଗାଈ)

ଏଲ୍ ଠିଆଁ ଗାମେମ୍ ଏକଠିଆ ଗାଓ୍ୱଡ଼ିର । ଓ୍ୱର ନାମ ବଉଲା ର । ଓର୍ ଏକଠିଆ ନାନ୍‌କିସ୍ କେଡ଼ିର । ଏକଦନ୍ ଓର୍ କେଡିନ୍ ଛୋଡନ୍ ଦୁସରୋ ଗାଓ୍ୱଡ଼ି ହନେ ସାଥ୍ ଝାଡ଼ିମ ଚରେନ ଗିର । ବଉଲା ଗାଓ୍ୱଡ଼ିରୋ ଚାଲ୍ ଚଲଣ ଅଛାର । ଉହର କେରି କନାଇ ନକସାଣ୍ କରେନ୍ କୋନ୍ ଚାହତିର । ଓର୍ ବୋଲି ହର ଭାରି ମିଠୋ । ଦୂଷରୋ ଗାଓ୍ୱଡ଼ି ସାତେମ୍ ଉଲ୍‌ଥାଣି ଚରତିର । ଅନ୍ କୁଲୋ କୁଲୋ ଚାରୋନ ଚରତିର ଅନ୍ ଚର୍‌ତି ଚର୍‌ତି ଓ୍‌ର ଗୋହଡ଼ି ସି ଛେଟି ଚଲିଗି । ଯାତି ଯାତି ଉ ଏକଠିଆ ଝାଡିମ୍ ଘୋସ୍ ପଡ଼ି । ଝାଡ଼ିସି ଘର ଆଏର୍ ଉଣା ସାଞ୍ଜି ହେଗିର । ଓ୍ୱାଟେମ୍ ଓ୍ୱାହାଗ୍ ଏକ ଠିଆ ଗାଓ୍ୱଡ଼ିନ୍ ଦେଖ୍‌ଲିଦୋ । ଓ୍ୱାହସ୍ ଓନ ଝପ୍‌ଟେ ଯୁଗୁ ଡାହାକୋ ଜନ୍ ଗାଓ୍ୱଡ଼ି ଚମକ୍ ଗି ।




ଗୋଟିଏ ଗାଁରେ ଗାଈଟିଏ ଥାଏ । ତା ନାଁ ବଉଲା । ତା'ର ଗୋଟିଏ ଛୋଟ କଅଁଳା ବାଛୁରୀ ଥାଏ । ଦିନେ ତା'ର ବାଛୁରୀକୁ ଛାଡ଼ି ଅନ୍ୟ ପଶୁମାନଙ୍କ ସହ ଜଙ୍ଗଲକୁ ଚରିବାକୁ ଯାଇଥାଏ । ବଉଲା ଗାଈ ସ୍ୱଭାବରେ ବହୁତ ଭଲ ଥିଲା । ସେ କେବେ କାହାର ଅମଙ୍ଗଳ ଚିନ୍ତା କରେ ନାହିଁ ଏବଂ ଭାରି ମିଷ୍ଟ ଭାଷୀ ଥିଲା । ଅନ୍ୟ ଗାଈ ମାନଙ୍କ ସହ ମିଶି ସୁନ୍ଦର ଓ ଛନଛନିଆ ଘାସ ଖାଉ ଖାଉ ସେ ତା'ର ଗୋଷ୍ଠୀଠାରୁ ଟିକେ ଦୂରକୁ ଚାଲି ଯାଇଥିଲା । ଯାଉ ଯାଉ ସେ ଏକ ବଣକୁ ପଶି ଯାଇଥିଲା । ବଣରୁ ଫେରିଲା ବେଳକୁ ସନ୍ଧ୍ୟା ହୋଇଯାଇଥାଏ । ବାଟରେ ଗୋଟିଏ ବାଘ ଦେଖିଲା, ବାଘ ତାକୁ ଝପଟ୍ କରି ମାରିବାକୁ ଲମ୍ଫ ମାରିଲା ବେଳକୁ ବଉଲା ଗାଈ ଡରିଗଲା ।

**ଗାଓ୍ୱଡ଼ି ଓ୍ୱାହଗନ୍ ଅଙ୍ଗାଡ଼ିମ୍ ଦେଖନ୍ ଚିନ୍ତା କିଦି, ଆଜ ମରେସି କୋନ୍ ବାଚୁ କରେନ୍ ଜାଣ୍ ଗି । ଉଜତରାଇ ଚେଷ୍ଟା କରେଲେବି ଓ୍ୱାହାଗ୍ ଓନ୍ କୋନ୍ ଛୋଡ଼ । ଓ୍ୱାହଗେସି ଉ ଜାଦା ଦଉଡ଼େନ୍ କୋନ୍ ସକ । ଉ ଉର୍ କେଡିରୋ ସୋରତା କିଦି ଅନ୍ ରୋତି ରୋତି କି ହେ ଓ୍ୱାହାଗ୍ ଭାଇ, ମାର୍ ଓ୍ୱାତେନ୍ ସାମଳ ଲ । ମନ ମତ୍ ମାର । ମାର ଘର ଏକ୍ ଠିଆ ନାନ୍‌କି ସୋଲା କେଡ଼ି ବନ୍ଧିଛ । ଉ ଦୁଧ୍ କୋନ୍ ପିଦିଛ । ଓର୍ ଗତୋଡ଼ି ସୁକା ଜାହା । ମନ ନାମ୍‌ସେକ୍ ଛୋଡ଼ ଦ । ମ ଓନ ଦୁଧ ପରାଥାଣୀ ଆ ଜାହିଁ । ଉ ନାନ୍‌କିସ୍ ଛ । ମଓନ ସମଝା ବୁଝା ଥାଣୀ ତାର ଢ଼ାଇଁ ଆହିଁ । ଯନା ତୁ ମନ ଖାଇସି । ଓ୍ୱାହାଗ୍ ହାସ୍‌ଥାଣି କୋ ମନ ଉକୁଆ ବଣାରିଛି,**




ବଉଳା ବାଘକୁ ସାମନାରେ ଦେଖି ମନେ ମନେ ଚିନ୍ତା କଲା, ଆଜି ମରଣରୁ ଆଉ ମୁକ୍ତି ନାହିଁ, କାରଣ ସେ ଜାଣିଥିଲା ସେ ଯେତେ ଚେଷ୍ଟା କଲେ ବି ବାଘ ଆଜି ତାକୁ ଛାଡ଼ିବ ନାହିଁ । ଆଉ ସେ ବାଘଠାରୁ ଅଧିକ ଜୋରରେ ଦୌଡ଼ି ପାରିବ ନାହିଁ । ସେ ତା'ର ବାଛୁରୀ କଥା ମନେ ପକାଇ କାନ୍ଦି କାନ୍ଦି କହିଲା ଟିକେ ରୁହ ବାଘ ଭାଇ ମୋ କଥା ଟିକେ ଶୁଣ ମୋତେ ଏବେ ମାର ନାହିଁ, ମୋର ଘରେ ଗୋଟିଏ କଅଁଳା ବାଛୁରୀ ଛୁଆ ଅଛି । ସେ କ୍ଷୀର ଖାଇ ନାହିଁ, ତା'ର ତଣ୍ଟି ସୁଖିଯିବ ମତେ ଟିକେ ଛାଡ଼ି ଦିଅ । ମୁଁ ତାକୁ ଶେଷଥର ପାଇଁ ଖୁଆଇ ଆସିବି ସେ ଏବେ କଅଁଳା । ମୁଁ ତାକୁ ବୁଝାଇ ସୁଝାଇ ତୁମ ପାଖକୁ ଫେରି ଆସିବି । ତା' ପରେ ତୁମେ ଖାଇବ ।

**ଏକଉଣା ଛୋଡ୍ ଦେଲେ ତୁ ଉଜି କୋନ୍ ଫରସ୍ । ଗାଓ୍ୱଡ଼ି ବିନତି କରନ କି – ମ ତୋନ ସତ ଓ୍ୱାତ୍ କେରିଛୁ, ମାର୍ ଓ୍ୱାତେନ୍ ତୁ ସହିମାନ୍, ମଏକ ଉଣା ଜାନ୍ ମାର କେଡିନ୍ ଦୁଧ ପରାଏନ୍ ଚୁମ୍‌ଚାଟ୍ ଲିହି । ଓତେସି ମ ତାର ଢ଼ାଇଁ ଫରେନ୍ ଆ ଜାହିଁ । ମ ସହି କେ ରିଛୁ । ଇ ଓ୍ୱାତେନ୍ ସାମଳେନ୍ ଓ୍ୱାହଗେରୋ ମନେମ୍ ବିଶ୍ୱାସ ଆଗୋ, ଉ ରାଜି ହେଗୋ । ଗାଓ୍ୱଡ଼ିନ୍ କୋ ତୁ ଯୋ । ତାର୍ ଆତେତକ୍ ମ ଆତ ଯୋଗ୍ ରିଆହିଁ । ଗାଓ୍ୱଡ଼ି ଜାଦା ଖୁସ୍ ହେଗି ଆନ୍ ଓର୍ କେଡ଼ି ପିଲା ଢ଼ାଇଁ ଚଲିଗି । କେଡ଼ି ପିଲାନ୍ ଗାଓ୍ୱଡ଼ି ଚୁମ୍ ଚାଟନ୍ ଦୁଧ ପରା ଦିନି । ଓତେଶି ରୋଏନ୍ ଲଗ୍‌ଗି । କେଡ଼ି ଢ଼ାଇଁସି ଓର୍ ଜିଏରୋ ବିଦାୟ ମାଙ୍ଗ ଅନ୍ ସିକ୍‌ଓ୍ୱାଡ଼ି ଦେନ୍ ବୁଝାଦିନି,**



ବାଘ ହସିଲା ଏବଂ କହିଲା ତୁ ମୋତେ ବୋକା ଭାବିଛୁ, ଶିକାର ଥରେ ଗଲେ ଆଉ ଫେରେ । ତୁ ଆଉ କ'ଣ ଫେରିବୁ । ବଉଳା ବହୁତ କାକୁତି ମିନତି କଲା ଏବଂ ବଚନ ଦେଇ କହିଲା ମୁଁ ସତ୍ୟ ବଚନ କହୁଛି ବାଘଭାଇ ମତେ ଥରେ ବିସ୍ୱାସ କର । ମୁଁ ଖାଲି ଥରଟିଏ ମୋ ବାଛୁରୀକୁ କ୍ଷୀର ଦେଇ କୋଳେଇବି, ତା ପରେ ତୁମ ପାଖକୁ ଫେରି ଆସିବି । ମୁଁ ସତ୍ୟ କରୁଛି ଏକଥା ଶୁଣି ବାଘ ମନରେ ଟିକିଏ ବିଶ୍ୱାସ ଆସିଲା । ସେ ରାଜି ହୋଇଗଲା ଓ ବଉଳାକୁ କହିଲା ତୁ ଯା' ତୋ ଆସିବା ଯାଏ ମୁଁ ଏଠି ଜଗି ବସିଛି । ବଉଳା ବହୁତ ଖୁସି ହେଲା, ତା ବାଛୁରୀ ପାଖକୁ ଚାଲିଗଲା । ବାଛୁରୀକୁ ବଉଳା ଗାଈ କୁଣ୍ଢାଇ ପକାଇଲା ଓ କ୍ଷୀର ପିଆଇଲା ଏବଂ କାନ୍ଦିବାକୁ ଲାଗିଲା ।

**ଜିଉରେରୋ ଜତରାକ୍ ଦୋଖ୍, ସୋକ୍ ନିଜେ ନ ଭୋଗେନ୍ ପଡ଼ଛ, ଓନ୍ ସାହସ କରଥାଣି କରେନ୍ ପଡ଼ିହ । ଇ ସିକ୍ୱାଡ଼ି ଦେଦିନ୍ ଅନ୍ ବିଦାୟ ଲେ ଲିଦି । ଏକ୍ ଟିଟିକେର୍ ବାଦ୍ ୱାହଗେ ଢ଼ାଇଁ ଚଲିଗି । ୱାହଗ୍ ଗାୱଡ଼ିନ୍ ଦେଖେନ୍ ଚମକ ଗୋ । ଓନ୍ ବିଶ୍ୱାସ କୋନ୍ ହି ଯୋ, ବଉଳା ଓର୍ କିର ଜକୋ ୱାତେନ୍ ରକ୍ଷା କର୍ ଲିଦି । ୱାହଗ୍ ଓର୍ ଉପର୍ ଦୟା କିଦୋ । ୱାହଗ୍ କୋ ତୁ ତାର ୱାତେରୋ ସହି ରକ୍ଷା କର ଲଦିଛି, ମ ତୋନ୍ ଛୋଡ୍ ଦଛୁ । ତୁ ଘର ଯୋ, ଅନ୍ ତାର୍ କେଡ଼ି ସାଥେମ୍ ଖୁସ୍ ହେଥାଣି ର । ଗାୱଡ଼ି ଖୁସି ହେଥାଣୀ ଓର୍ କେଡ଼ି ଢ଼ାଇଁ ଚଲିଗି । ଇ ସାକିସି ଆପତା ବୁଝେନ ସକେ ଯୋ ସତେରୋ ସପା ଉଣା ଜିତ୍ ଅଛ ।**



ତାକୁ ଜୀବନର ଶେଷ ବିଦାୟ ଦେବା ପୂର୍ବରୁ ସ୍ନେହର ସହ ଦୁନିଆର ରୀତି, ନୀତି ବୁଝାଇ କହିଲା । ଜୀବନର ଚଲାପଥରେ ଆସୁଥିବା ବାଧାବିଘ୍ନର ସାମନା ଏକୁଟିଆ ସାହାସର ସହିତ କରିବାକୁ ପଡ଼ିଥାଏ । ଏହି ଶିକ୍ଷା ଦେଇ ବିଦାୟ ନେଲା ଏବଂ କିଛି ସମୟ ପରେ ବାଘ ପାଖକୁ ଫେରି ଆସିଲା । ବାଘ ବଉଳାକୁ ଦେଖି ଆଶ୍ଚର୍ଯ୍ୟ ହେଲା । ତାକୁ ବିଶ୍ୱାସ ହେଲା ନାହିଁ ଯେ, ବଉଳା ତା ପ୍ରାଣଠୁ ଅଧିକ ବଚନକୁ ଏତେ ଗୁରୁତ୍ୱ ଦେଲା, କଥା ରକ୍ଷା କଲା । ବାଘର ଦୟା ହେଲା, ସେ କହିଲା ତୁ ସତ୍ୟ ରକ୍ଷା କରିଥିବାରୁ ମୁଁ ତୋତେ ଛାଡ଼ିଦେଲି । ତୁ ଯା, ତୋ ବାଛୁରୀ ସାଥିରେ ଖୁସିରେ ରହିବୁ । ବଉଳା ଆନନ୍ଦରେ ତା ବାଛୁରୀ ପାଖକୁ ଧାଇଁ ଗଲା । ଏହି କାହାଣୀରୁ ଆମେ ବୁଝି ପାରିଲୁ ଯେ, ସତ୍ୟର ସବୁବେଳେ ଜୟ ହୋଇଥାଏ ।

# ହକରିଆ ତିତ୍‌ଲି (ଗର୍ବୀ ପ୍ରଜାପତି)

**ୟା, ୟା, ତୁବି ଦେଖ୍ କାଇଁ ହିଦୋ । ଏକ ଠିଆଁ ତିତଲି ରାନୁର ହାତେମ୍ ବେଠିର । ଉ କତରା ଅଛାର । ହାଁ ରାନୁ ମ ବି ଦେଖିଛୁ । ଲାଗ୍‌ରିଛକି ତୁ ତିତଲି ସାଥେମ୍ ସାଥଣ୍ ହେଗୀ । ହଁ ମ ତିତଲି କଣେନ୍ ଚାହାରିଛୁ । ମାର ବି ପାଁଖ୍ ଦରକାର । ତୁ ପାଁଖେ ଓ୍ୱାଳି ତିତଲି ହେଏଟା ଚାହାରିଛି । ହାଁ ୟା କତରା ଅଛା ହିହନା । ହାଁ ଠିକ୍ ଛ, ଏକଠିଆ ଶାକି ସାମଳ ଯେମ ତିତଲି ଓରୋ ପାଖେନ୍ ଗମା ଦିନିଛ । "ତିତଲି ଓରୋ ପାଁଖ୍ ଗଓ୍ୱା ଦିନି" ଦାନା ଦନେର ଓ୍ୱାତଛ – ଏକ ଠିଆଁ ତିତଲିର, ଓର୍ ନାମ ର ଲିଲି । ଲିଲି ନଙ୍ଗତ୍ ସୁଘରର । ଉହର ଜାଦା ୟେଳା ତକ ଫୁଲେମ୍ ବେଠ୍‌ତି ର, ରସ ପିତିର ଅନ୍ ୟେଳା କରତି ର । ଲିଲି ଜାଦା ସୁଘର ର ଓର୍ ଜୁଗୁ ପଖୋଡ଼ା ଉପର ଜାଦା ଘମଣ୍ଡ ର ।**



ମାଁ, ମାଁ ତମେ ବି ଦେଖିଲ କ'ଣ ହେଲା, ଗୋଟିଏ ପ୍ରଜାପତି ରାନୁ ହାତରେ ବସିଥିଲା, ସେ କେତେ ସୁନ୍ଦର ଥିଲା । ହଁ ରାନୁ ମୁଁ ଦେଖିଛି, ଲାଗୁଛି ତୋର ପ୍ରଜାପତି ସହିତ ବନ୍ଧୁତା ହୋଇଗଲାଣି । ହଁ ମୁଁ ପ୍ରଜାପତି ହେବାକୁ ଚାହୁଁଛି । ମୋର ବି ପର ଦରକାର । ମୁଁ ଏତେ ବୋର୍ କଣ ପାଇଁ ? ତୁ ପରଥିବା ପ୍ରଜାପତି ହେବାକୁ ଚାହୁଁଛୁ । ହଁ ମା କେତେ ଭଲ ହେବନା ! ହଁ ଠିକ୍ ଅଛି, ଗୋଟିଏ କାହାଣୀ ଶୁଣ ଯେଉଁଥିରେ ପ୍ରଜାପତି ତା'ର ପର ହଜାଇ ଦେଇଥାଏ । ଗୋଟିଏ ପ୍ରଜାପତି ଥିଲା । ତା'ର ନାଁ ଥିଲା ଲିଲି । ଲିଲି ବହୁତ ସୁନ୍ଦର ଥିଲା । ସେ ଅଧିକ ସମୟ ଫୁଲରେ ଥିବା ରସ ପିଇବାରେ ସମୟ କାଟି ଦେଉଥିଲା ।

ଉ ଉର୍ ସାତି ହନେ ସାଥ୍ ଓଡ଼େ ଜୁଗୁ ଚାହାତି ର । ଓର୍ ସାତିହନ୍ ଓର୍ ପଖୋଡ଼ାନ୍ ଦେଖନ୍ ସାବାସୀ କରିହ କରେନ୍ ଭାବ୍ତି ର । ଆହା ! ଆଜ ମାର ପଖୋଡ଼ା କତରା ସୁନ୍ଦର ଲାଗଛ । ମାର ସାତି ହନ୍ କତରା ଦୁଃଖି ଦିଖ୍ ରେଛ । ଓହ୍ନେର ପଖୋଡ଼ା କତରା ଫିକୋ ଦିଖ୍ରିଛ । ମନ ଯାହା ମଳିଛ ଓତରାମ୍ ମ ଖୁସି ଛୁ । ଆହା ! ମ ଚାହାତେରୁଁ ଜକୋ ମନଖିଆ ଆଗେ । ଏହନ୍ ମନ ଧରେ ଜୁଗୁ କୋଶିସ୍ କରିହ । ଲେକିନ୍ ଇ ଉଣା ହେ କୋନ୍ ସକ । ଇ ଗୋଲାପେନ୍ ଦେଖୋ ମାର୍ସିବି ଜାଦା ସୁଘରଛ । ଜରୁର ଏର ଉପର୍ ବେଠେର୍ ୱାତ୍ । ତିତଲି ଫୁଲ ଝାଡ଼େପର୍ ବେଠି । ଅତୁଣା ଓ୍ର ପଖୋଡ଼ା ପଡ଼୍ଗି । ତିତଲି ଖୁବ୍ ୟେଳାତକ୍ ରୋତି ରେଗି ।



ତେଣୁ ଲିଲିର ତାର ପର ଉପରେ ବହୁତ ଗର୍ବ ଥିଲା । ସେ ତା'ର ସାଙ୍ଗମାନଙ୍କ ଆଗରେ ଉଡ଼ିବାକୁ ଚାହୁଁଥିଲା । କାରଣ ତା'ର ପରକୁ ଦେଖି ସାଙ୍ଗମାନେ ପ୍ରଶଂସା କରିବେ ବୋଲି । ଆଜି ମୋର ପର କେତେ ସୁନ୍ଦର ଲାଗୁଛି ଆହା ! ମୋର ସାଙ୍ଗମାନେ ଦୁଃଖି ଦିଶୁଛନ୍ତି ଆଉ ତାଙ୍କ ପର କେଡେ ଫିକା ଲାଗୁଛି । ମୋତେ ଯାହା ମିଳିଛି, ଖୁସି ହେବା ଦରକାର ଆହା ! ମୁଁ ଚାହୁଁଥିବା ଲୋକେ ପଳେଇ ଆସିଲେଣି । ଏମାନେ ମୋତେ ଧରିବାକୁ ଚେଷ୍ଟା କରିବେ । ହେଲେ ଆଉ ଏଥର ହୋଇପାରିବ ନାହିଁ ଓ ଏ ଗୋଲାପଟାକୁ ଦେଖ, ମୋ ଠୁ ବହୁତ ସୁନ୍ଦର ଅଛି । ନିହାତି ଏହା ଉପରେ ଟିକିଏ ବସିବା ଦରକାର । ପ୍ରଜାପତି ଫୁଲ ଗଛରେ ବସିଲା । ସେହି ସମୟରେ ପ୍ରଜାପତିର ପର ପଡ଼ିଗଲା ।

**ଆବ ଉ ଓଡ଼େ କୋନ୍ ସକ୍ତି ଛ । ଉ ଘରେଜମ ରେରିଛ । ଓର୍ ଜୁଗୁ ଉ ଜାଦା ଦୁଃଖିତ ଛ । ମନେନ୍ ମାରେନ୍ ବେଠି ରିଆତି ର । ଜତୁଣା ଓର୍ ସାତି ଲନେନ୍ ଓଡ଼େରୋ ଦେଖ୍ତିର ଉଜି ଜାଦା ଦୁଃଖିତ ହେତିର । ଓର୍ ୟାଡ଼ି ଓନ ସମ ଝାୟେ ଜୁଗୁର କୋଶିସ କହତି ର । ଲେକିନ୍ ଓନ୍ କୋଇ ଓ୍ୱାତେରୋ ଫରକ୍ କୋନ୍ ପଡ଼ତିର ।ଏକ୍ ଦନ୍ ଅସୋ ହି ଓର୍ ସାତି ହନ୍ ଓଡ଼େ ଉଣା ନାନ୍ ନାନ୍ ଗୁରା ହନ୍ ପକଡ଼େ ଉଣା ଓହନ୍ ମରଗେ । ଇଓ୍ୱାତେନ୍ ସାମଲ ଥାଣୀ ଲିଲିର ମନେମ ଦୋଖ୍ ହେଗୋ । ଓର୍ ୟାଡ଼ି କେହେ ଲାଗି ତାର ପଖୋଡ଼ା ରେହେଲେ ତୁ ବି ଓଡ଼େ ରେତି । ଅନ୍ ହେ ସକଛ ତୁ ବି ମର୍ ଯାଏରେତି । ଇ ଓ୍ୱାତେସି ହମ୍ ଜାଣେ କୋଇ କୋଇ ଉଣାର ଓ୍ୱାତ୍ ଲେହେ ଯାଓ୍ୱଛ ।**



ପ୍ରଜାପତି ଦୁଃଖରେ ବହୁତ ସମୟ ଧରି କାନ୍ଦିଲା । ଏବେ ସେ ଉଡ଼ି ପାରୁ ନ ଥିଲା । ସେ ଘରେ ହିଁ ରହୁଥିଲା । ଏଥିପାଇଁ ସେ ବହୁତ ଦୁଃଖରେ ଥିଲା । ଆଉ ମନକୁ ମାରି ରହୁଥିଲା । ଯେବେ ସେ ତା'ର ସାଙ୍ଗମାନଙ୍କୁ ଉଡ଼ିବାର ଦେଖେ ସେ ଆହୁରି ଦୁଃଖିତ ହୁଏ । ତା' ମାଁ, ତାକୁ ବୁଝାଇବାକୁ ଚେଷ୍ଟା କରେ, ହେଲେ ସେଥିରେ ତାକୁ କିଛି ଫରକ ପଡ଼େ ନାହିଁ । ଗୋଟିଏ ଦିନ ଏମିତି ହେଲା ଯେ, ତା'ର ସାଙ୍ଗମାନେ ଉଡୁଥିବା ବେଳେ ଛୋଟ ପିଲାମାନେ ଆସି ତାଙ୍କୁ ଧରିବା ବେଳେ ସେମାନେ ମରିଗଲେ । ଏକଥା ଶୁଣି ରାନୁ ମନରେ ଦୁଃଖ ହେଲା ତା' ମାଁ, ତାକୁ କହିଲେ ତୋର ବି ପର ଥିଲେ ତୁ ବି ଉଡ଼ିଥାନ୍ତୁ ଏବଂ ହୋଇପାରେ ତୁ ବି ମରିଯାଇଥାନ୍ତୁ ଏଥିରୁ ଆମେ ଜାଣିଲୁ ଯେ ବେଳ ବେଳର ଘଟଣା ଠିକ୍ ହୋଇଥାଏ ।

**ପିଲାଙ୍କ କଥା**

# ହୁସିଆର ଛାରା (ବୁଦ୍ଧିଆ ପିଲା)

ଏକ ଠିଆ ରାଜେମ୍ ଡ଼ୋଖରା ଅନ ଡ଼ୋଖରୀ ରେତେର୍ । ଓହ୍ନେରୋ ଏକଠିଆ ଛାରା ଅନ ଏକଠିଆ ଛାରୀର । ଡ଼ୋଖରୀ ଡ଼ୋଖରା ଭୁକେମ ମର ଯାହା କରନ୍ ଛାରା ଝାଡିସି ଲକଡ଼ି ଲାଥାଣୀ ଘର ଚଲାତେର । ଛାରୀ ଘରେମ୍ ଭାତୁ ଅନ ଲଗଓ୍ୱାନ ରାନ୍ଧାସିନ୍ଧା କର । ହନୁଜ ଏକ ଦନ ଛାରା ଲକଡି ଲେନ୍ ଗେର ଓ୍ୱଡ ଏକଠିଆ ଓ୍ୱାହଗେନ ଦେଖୋ, ଓ୍ୱାହଗ୍‌କେଲା ମତୋନ ଆବଖାହିଁ । ଛାରା କେ ଲାଖ ମନକାଇଯୁଗୁତୁ ଖାଇସ୍ । କାଲହେନ୍ ହାମ ତିହାର ମାନରେଛା ବାଟି ଖାଏନ୍ ଯାଇସ୍ । ଓ୍ୱାହାଗ୍ ଓର ମନେ ମନେମ୍ ଭାବରେର ଓ୍ୱତ ଯାଏଲେ ଦୋଇ ଛାରା ଛାରୀନ୍ ଖାହି । ଛାରା ଝାଡ଼ିସି ଆଥାଣି ଲକଡି ଏଚେନ୍ ଚଲୋଗୋ ଏଚ୍‌ଥାଣି ଭଜ ପିସାରୋ ଆଟୋ, ବେସନ, ମର୍ରା, ଲେଥାଣି ଘର୍ ଚଲୋଆଓ । ଭେନେନ୍ କେଲା



ଗୋଟିଏ ରାଜ୍ୟରେ ବୁଢ଼ା ବୁଢ଼ୀ ଥିଲେ । ତାଙ୍କର ଗୋଟିଏ ଝିଅ ଓ ପୁଅ ଥଲା । ବୁଢ଼ାବୁଢ଼ୀ ଭୋକରେ ମରିଯିବେ ଚିନ୍ତା କରି ପୁଅଟି ଜଙ୍ଗଲରୁ କାଠ ଆଣି ଘର ଚଳାଏ । ଝିଅଟି ଘରେ ଭାତ ତରକାରୀ ରୋଷେଇ କରେ । ଇମିତି ଦିନେ ପୁଅଟି କାଠ ଆଣିବାକୁ ଯାଇଥାଏ, ସେଠାରେ ଗୋଟିଏ ବାଘ ଦେଖିଲା । ବାଘଟା କହିଲା ମୁଁ ଏବେ ତୋତେ ଖାଇବି ପୁଅଟି କହିଲା, ମତେ କ'ଣ ପାଇଁ ତୁ ଖାଇବୁ ? ଆସନ୍ତା କାଲି ଆମ୍ଭର ପର୍ବ କରୁଛୁ, ପିଠା ଖାଇବାକୁ ଯିବୁ । ବାଘଟା ତାର ମନେ ମନେ ଚିନ୍ତା କରିଥାଏ ଗଲେ ତାଙ୍କର ଦୁଇ ଭାଇ-ଭଉଣ କି ଖାଇବି । ପୁଅଟା ଜଙ୍ଗଲରୁ ଆସିଲା ଓ କାଠ ବିକ୍ରି କରିନେଲା । ସେହି ପଇସାରେ ଅଟା, ବେସନ ଓ ମୁଢ଼ କିଣି ଘରକୁ ଫେରିଲା । ଭଉଣୀକୁ କହିଲା ।

**ଏନ୍‌ହେନ୍ ଲେୟୋ ଅନ୍ ବାଟିବଣା ଥାଣି ରଖାଲ୍ ମେଲ । ଓ୍ୱାହଗ ବାଟି ଖାଏନ୍ ଆହା । ଭେନ କି ଇଦେହାଲମ୍ ବାଟି ବଣାନ୍ ଦେରିଛୁ । ଭାଇ କେହେଲାଗ୍ ଭେନ୍ ଓ୍ୱାହଗ ଆଏଲେ କତ ବେସିହ । ଭେନ କେଲାଗ୍ ଜମିନେ ଉପର ସାବରି ଏକ ଠିଆ ଓ୍ୱଛା ଦିସ୍ । ଭାଇ ହର ହା ଠିକଛ କେଲାଗ୍ ଭାଇ ଯାଥାଣି ଏରାର୍ ଉପରେମ୍ ସାଦରିନ୍ ଓ୍ୱଛା ଦିନୋ । ଓ୍ୱାହଗ୍ ଆଥାଣି ହପ୍‌କଡ଼୍‌ରେଛ ଏବେଟା, ଏବେଟା ଛାରା ଘରେସି ନିକଲନ୍ ବାଟି ଲାଥାଣି ଦିନେ ଅନ୍‌କେ ଲାଗ୍ ଇ ସାଦରି ଉପରେମ୍ ବେଠ୍ । ଓ୍ୱାହଗ୍ ଯାଥାଣି ସାଦରି ଉପରେମ୍ ବେଠ୍‌ଗୋ । ବେଠ୍‌ତୋ, ବେଠ୍‌ତୋ ଓ୍ୱାହଗ୍ ଏରାମହିମ୍ ପଡ୍‌ଗୋ ଅନ୍ ରିସେମ୍ କେହେଲାଗ୍ ଆଛାହିଦି ଜାଣେନ୍ ସକୋ ବେଟା ନ ପଡ଼େଲେ ତୋନ୍‌ମ ଝାଡ଼ିମହିମ୍ ଲେଯାଏରତୋ ।**



ଏ ଗୁଡ଼ିକୁ ନେ,ପିଠା କରିଥା ବାଘଟା ପିଠା ଖାଇବା ପାଇଁ ଆସିବ । ଭଉଣୀ କହିଲା ଏବେ ସାଙ୍ଗେ ସାଙ୍ଗେ ପିଠା କରି ଦେଉଛି । ପୁଅଟା କହିଲା ଭଉଣୀ ବାଘଟି ଆସିଲେ ବସିବ କେଉଁଠି ? ଭଉଣୀ କହିଲା ସେହି ଭୂଇଁ ଉପରେ ଆସନଟିଏ ବିଛାଇ ଦେବୁ ଯା' । ପୁଅଟା ହଉ କହିଲା । ପୁଅଟି ଗଲାଯେ କୂଅ ଉପରେ ଆସନଟିକୁ ବିଛାଇ ଦେଲା । ବାଘମାମୁଁ ଆସି ଡାକିଲା ପୁଅ ହୋ ପୁଅ, ପୁଅଟି ଘରୁ ବାହାରି ଆସି ପିଠା ଆଣି ଦେଲା ଓ କହିଲା ଏହି ଆସନ ଉପରେ ବସ । ବାଘମାମୁଁ ଯାଇ ବିଛଣା ଉପରେ ବସିଲା । ବସୁ ବସୁ ବାଘଟା କୂଅ ଭିତରକୁ ପଡ଼ିଗଲା ଓ ରାଗିଯାଇ କହିଲା, ଭଲ ହେଲାନି, ଜାଣି ପାରିଲିନି ପୁଅ, ନ ହେଲେ ତୋତେ ମୁଁ ଜଙ୍ଗଲକୁ ନେଇ ଯାଇଥାନ୍ତି ।

# ଛେଲି କାଏଁ ଜୁଗୁର୍ ପାଣିନ୍ ଚମକଛ
# (ଛେଲି କାହିଁକି ପାଣିକୁ ଡରେ)

ଡୁଙ୍ଗରେ ହେଟେ ଖାଲିଆ ଏକଠିଆ ଏରାଅନ୍ ଯାରିର୍ । ଖାଲିଆ ମାଝାମାହି ଏକଠିଆ ଡିପାରଥ । ଉ ଡିପା ଉପର କୁଲୋ କୁଲେ ଚାରୋ ମହି ଭରାରିଥ । ଖାଲିଆ ତାଏ ପର ଛେଲି ହୁବ୍‌ରେନ୍ ବିଚାର କିଦି କୁକନ୍ କରନ ଡିପା ପର ଯାଆନ୍ ଚାରୋ ନ ଖାହି ମାରୋ ପେଟ ଭରା ଯାହା । ଠିକ୍ ଅତୁଉଣା ଖାଲିଆ ମହିଶି ଏକ ମଙ୍ଗର ନିକ୍‌ଲୋ । ଛେଲିନ୍‌କୋ ତୁ ମାରୋ ସାଥୀ ହିସ୍, ତୋନ୍ ଲେଜାଥାଣି ଉ ଚାରୋ ଢ଼ଇ ଛୋଡ଼୍ ଦିହି ତୁ ପେଟ୍ ଭରତେ ତକ ଚାରୋନ୍ ଖାଇସ୍ । ତୁ ମାର୍ ଇତ୍‌ରିକ୍ କାମ୍ କରିସ୍ ସପାଦନ୍ ଏକ୍ ଏକ୍ ଠିଆ ଜିବଜନ୍ତୁ ଧରନ୍ ଖାଲିଆ ନାହେନ୍ ଯାଇସ୍ ।



ପାହାଡ଼ ତଳେ ନଈଟିଏ ବହିଯାଉଥିଲା । ନଈ ମଝିରେ ଗୋଟିଏ ଟାପୁ ଥିଲା । ସେହି ଟାପୁରେ କଅଁଳ ଘାସ ସବୁ ଭରି ହୋଇଥାଏ । ନଈ କୂଳରେ ଠିଆ ହୋଇ ଛେଳି ଭାବିଲା କୌଣସି ପ୍ରକାରେ ନଈ ପାରି ହୋଇଥାନ୍ତା, ତେବେ ପେଟପୂରା ଖାଦ୍ୟ ମିଳିଥାନ୍ତା । ଠିକ୍ ସେତିକିବେଳେ କୁମ୍ଭୀରଟିଏ ନଈରୁ ବାହାରିଲା ଛେଳିକୁ କହିଲା, ତୁମେ ମୋର ବନ୍ଧୁ ହେଲେ, ତୁମକୁ ସେହି ଘାସ ପାଖରେ ଛାଡ଼ିଦେବି, ତୁମେ ପେଟପୂରା ଘାସ ଖାଇବ । ହେଲେ ତୁମେ ମୋର ଏତିକି କାମ କରିବ, ନିତିଦିନ କିଛି ଜୀବଜନ୍ତୁ ସାଙ୍ଗରେ ଧରି ନଈରେ ଗାଧୋଇବାକୁ ଆସିବ ।

ମଅ ଓହ୍ନେନ୍ ଖାଥାଣି ୱାଚିହିଁ । ମଙ୍ଗରେରୋ ୱାତେନ ସାମଲଥାଣି ଛେଲି ରାଜି ହେଗି । ସତେର୍ ସତ୍ ସବ୍ ଦନ ହରଣା, ଶଶିଆ, କୋଟରା, ଲେଥାଣି ଖାଲିଆ ନାହେ ଯୁଗୁ ଆୱ୍ୱେଛ । ମଙ୍ଗର ଛେଳିନ୍ ଛୋଡଦ୍ ଅନ୍ ଦୁଷୋରୋ ଜନ୍ତୁନ ଖା ଯାଅ । ମଙ୍ଗର ଛେଳିନ୍ ଲେଜାଥାଣି ଢ଼ିପା ଉପର ଛୋଡ୍ଦ ଅନ୍ ଫେର ଖାଲିଆ ଢ଼ାଏ ପର ଆଯାଓ୍ୱ । ଆତ୍ରା ୱାତ୍ ଚିତ କରନ୍ ଦୋଇଝଣା ଖୁସି ମହୀ ଦନ୍ କାଲ କାଟରେର । ଅକସମାତ ଏକ ଛେଳି ଖାଲିଆ ନାହେନ କୋନି ଆଇ । ମଙ୍ଗର ଯୋଗ୍ ମେଲେର । ଉଦନ ଉ ଛେଳିରେ । ଦି ଠିଆ ପିଲାହନ ଖାଲିଆ ନାହେନ୍ ଆଇର୍ ।




ମୁଁ ସେମାନଙ୍କୁ ଖାଇ ବଂଚିବି । ଏହି ପ୍ରସ୍ତାବକୁ ଛେଳି କୁମ୍ଭୀର କଥାରେ ରାଜି ହୋଇଗଲା । ସତକୁ ସତ ପ୍ରତିଦିନ ହରିଣ, ଠେକୁଆ ବା ବଣମେଣ୍ଢାକୁ ନେଇ ଗାଧୋଇବାକୁ ଆସେ । ଠିକ୍ ସେତିକିବେଳେ ଛେଳିକୁ ଛାଡ଼ି ଅନ୍ୟ ଜୀବମାନଙ୍କୁ ଟାଣି ନେଇ ଖାଏ । କୁମ୍ଭୀର କଥା ଅନୁସାରେ ଛେଳିକୁ ନେଇ ଟାପୁରେ ଛାଡ଼ିଦେଇ ପୁଣି କୂଳକୁ ଆସେ । ଏତିକି ବୁଝାମଣା ହୋଇ ଦୁହେଁ ଖୁସିରେ ଚଳିଲେ । ଦୈବାତ୍ ଦିନେ ଛେଳି ନଇଁ କୂଳକୁ ଆସିଲା ନାହିଁ । କୁମ୍ଭୀର ଅପେକ୍ଷା କରିଥାଏ । ସେହି ଦିନ ସେହି ଛେଳିର ଛୁଆ

**ମଙ୍ଗର୍ ହର ଲୋହିମୁଣ୍ଡୋ ହେ ମେଳେର୍ । ମୁଣ୍ଡେ ଲୋଭେ ନ ସମ୍ଭାଳେ କୋନସକୋ ଏକଠିଆ ଛେଳି ପିଲାନ୍ ଗିନେ ଖାଲିଆ ମହି ଖାଖୋ । ଉଜି ଏକ ଠିଆ ଛେଳି ପିଲାହର ଓର୍ ଜିଏନ୍ ୱ୍ୱଚାଡ଼୍ଥାଣି ଘର ତାଟି ଓର୍ ୟାଡ଼ିନ୍ ସପା ୱ୍ୱାତେନ୍ ୱ୍ୱତାଦିନି ଜନା ଛେଳିହର ଚିସାଥାଣି ରୋ ନାଖିଛ । ମଙ୍ଗରେରେ । ଧୋକାଦାର ୱ୍ୱାତେରୋ କୁକୁନ୍ ଓର ବଦଲାଫେରି କରଅନ୍ ଛେଳି ଚିନ୍ତା କିଦିଛି । ଓର ଲାହରେ ଦନ ପରଭାତି ମଙ୍ଗରେ ଢ଼ଇ ଛେଳି ଗିଛ ଅନ୍ କିଛ । ସାଥୀ ଆଜ ମାରୋ ଛେଳି ପିଲାରୋ ଜନ୍ମ ଦିନଛ ଅନ୍ ଭୋଜି ଛ । ଛେଳି ମଙ୍ଗରେନ୍ ନେଉତା ଦିନିଛ ।**



ଦୁଇଟି ଗାଧୋଇବାକୁ ଆସିଲେ ନଇକି । କୁମ୍ଭୀର ରକ୍ତମୁହାଁ ହୋଇଥାଏ । ଲୋଭ ସମ୍ଭାଳି ନ ପାରି ଗୋଟିଏ ଛୁଆକୁ ନଇଁକୁ ଟାଣିନେଲା । ଅନ୍ୟ ଛୁଆଟି ପ୍ରାଣ ବିକଳରେ ଦୌଡ଼ିଯାଇ ସବୁକଥା ମାଆକୁ କହିଲା । ଛେଳି ଏ କଥା ଶୁଣି ରାଗରେ କାନ୍ଦି ପକାଇଲା । କୁମ୍ଭୀରର ବିଶ୍ୱାସ ଘାତକତା ପାଇଁ କିପରି ଉଚିତ୍ ଶିକ୍ଷା ଦେବ ଚିନ୍ତା କଲା । ତା ପରଦିନ ସକଳୁ ଯାଇ କୁମ୍ଭୀରକୁ କହିଲା, ଆଜି ମୋ ଛୁଆର ଜନ୍ମଦିନ ଭୋଜିରେ ଯୋଗଦେବ । ତୁମେ ତ ମୋର ଘର ଦେଖିନାହଁ, ମୋ ସାଙ୍ଗରେ ଆସ, ଛେଳିର ନିମନ୍ତ୍ରଣ ଅପୂର୍ବ ଭଳି ଲାଗିଲା ।

ମଙ୍ଗର କେ ରେଛ ଭୋଜି ଖାହି ଅନ୍ ଛେଲିରୋ ଘରେନ୍ ଦେଖନ୍ ଆହି । ମଙ୍ଗର୍ ଛେଲିରୋ ଲାହର୍ ଲାହର୍ ଝାଡ଼ିମ ଚଲୋଗୋ । ଗାମେମ ଏକଝଣା ଆଦିବାସୀ ଆଦମୀ ଝୁପଡ଼ିନ୍ ଦେଖାଲନ୍ ଛେଲିକି ଇହର ମାର ଘରଛ । ତୁଇ ଘରେ ମ ବେଠୋରିଆ । ମ ମାରେ ପିଲା ହନେନ୍ ବଲାରିଛୁ, ତାର ଖାଏଁରୋ ଇନ୍‌ତିଜାମ କରିହ । ଆତ୍ରାମହି ମଙ୍ଗର୍ ଘରେ ମହି ଘେସ୍‌ଗୋ । ଘୋସୋକି ଛେଲି ମେଁ ମେଁ ବରକାଦିନି । ମଙ୍ଗର୍ ଘରେମ୍ ଘସେର୍ ଗାମେୱାଲେ ଦେଖେ । ଗାମେ ୱାଲେ ଧନୁଶ, ଶର, ଭଟ୍ଟାସି ମଙ୍ଗରେନ୍ ମାରେ ଲାଗେ । ମଙ୍ଗର ଲୋଦି ଲୋହାଣ ହେଗୋ ଅନ ଖାଲିଆ ସାମୁ ଢ଼ାଟୋ ଅନ୍ ଯାଥାଣି ପାଣିମ୍ ଘୋସଗୋ । ଓର୍ ଦେହେମହି ଚୋଟ୍ ଲଗରିର୍ ଅନ ଦେହେ ଦରଦ୍ ହେରିର୍ । ଛେଲି ଯୁଗୁ ମଙ୍ଗରେରୋ ରିସ୍ ବହଢ଼ଗିଛ । ଉ ଦିନେସି ଛେଲି ଅନ୍ ମନ୍ ଖିଆନ୍ ବଦଲାଲେନ୍ ଲଗୋ । ଇ ଘଟଣା ହେ ରୋ ହଜାର ହଜାର ସାଲ ଲେଗିଛ ତବଲେବି ଛେଲି ମାଙ୍ଗରେସି ଚମକନ୍ ଖାଲିଆ ଅନ ତଲାଉଡି ପାଣିମ ଟାଙ୍ଗେନ୍ ଘାଲେଯୁଗୁ ମେକଛ । ଓର୍ ଚମକେ ରୋ କାରଣ ଇଛ କି ପାଣି ମହି କୋଇ ମଙ୍ଗର୍ ଲୁକ୍ ରିହ କାଇଁ ।




ସେ ଭାବିଲା ଭୋଜି ଖିଆ ହେବ, ଛେଳିର ଘର ଦେଖି ଆସିବ । କୁମ୍ଭୀର ଛେଳି ପଛେ ପଛେ ବଣକୁ ଚାଲିଲା । ଛେଳି ଆଗ ଆଗ ଚାଲିଥାଏ । କେତେଦୂର ଯିବା ପରେ ଜଣେ ଆଦିବାସୀ ଲୋକର ଝୁପୁଡ଼ି ଘରକୁ ଦେଖାଇ କହିଲା ଏଇଟି ମୋର ଘର, ତୁମେ ଯାଇ ଘରେ ବସ ମୁଁ ମୋ ପିଲାଙ୍କୁ ଡାକେ, ସେମାନେ ଖାଦ୍ୟ ବ୍ୟବସ୍ଥା କରିବେ । କୁମ୍ଭୀର ଘର ଭିତରକୁ ପଶିଲା କ୍ଷଣି ଛେଳି ମେଁ ମେଁ ଡାକିଲା । କୁମ୍ଭୀର ଘର ଭିତରେ ପଶିବା ଦେଖି ଗାଁ ଲୋକେ ଦୌଡ଼ି ଆସି କୁମ୍ଭୀରକୁ ଧନୁଶର, ପଥର, ସାହାଯ୍ୟରେ ମାରିଲେ, କୁମ୍ଭୀର ରକ୍ତାକ୍ତ ହୋଇ ନଇଁ ଆଡ଼କୁ ଧାଇଁଲା ଓ ପାଣିରେ ପଶିଗଲା । ତା ଦେହ ସାରା କ୍ଷତ ହୋଇଗଲା ଓ ଦେହ ଦରଦ ହେଲା । ଛେଳି ପ୍ରତି ତା ରାଗ ବଢ଼ିଗଲା । ସୁଯୋଗ ପାଇଲେ ଛେଳି ଓ ମଣିଷକୁ ପ୍ରତିଶୋଧ ନେବାକୁ ଲାଗିଲା । ସେହି ଘଟଣା ପରଠାରୁ ହଜାର ହଜାର ବର୍ଷ ବିତି ଯାଇଥିଲେ ମଧ୍ୟ ଛେଳି କୁମ୍ଭୀର ଡରରେ ନଇଁ ପାଣି ବା ପୋଖରୀ ପାଣିରେ ଗୋଡ଼ ବୁଡ଼ାଇବାକୁ ଡରୁଛି । ତା'ର ଡର ହୁଏ କାଳେ ସହି ପାଣିରେ କୁମ୍ଭୀର ଲୁଚିଥିବ କି ?

## ପିଲାଙ୍କ କଥା

# ମାଙ୍ଗେ ୱ୍ାଲ୍ ଭି ଶିକ୍‌ଦଛ (ଭିକାରୀ ଶିକ୍ଷା ଦେଲା)

ଏକ ସହରେରୋ ହେଟେ ଉଡ଼ି ପାରାମ୍ କତ୍‌ରାକ୍ ମାଙ୍ଗେୱ୍ାଲେ ରେତର୍ । ଓହନ ସବଦନ୍ ସହରେରୋ ଯତ୍‌ରାକ୍ ମନ୍ଦିରେର୍ ଅଙ୍ଗାଡ଼ି ଅଙ୍ଗୋଡ଼ି ପଟକା ୱ୍ଛାଥାଣି ପରଭାତିସି ବେଠ୍‌ତେର୍ । ସାଞ୍ଜେତକ୍ ଯତରାକ୍ ପିସାପାତେର୍ ଓନ୍ ୱ୍ହେ୍ନର ମହିମ ସମନ ଏଟା କରଥାଣି ଘର ଯାତେର୍ । ୱ୍ହେ୍ନର୍ ଜିଏରେ । ଢ଼ଙ୍ଗ ନଙ୍ଗତ୍‌ର ହେଲେ ଜିଏମ୍ ଯାଜା ଦୋଖ୍ ଭରୋର । ଏକ ଉଣା "ରାମୁ ନାମେରୋ ମାଙ୍ଗେୱ୍ାଲୋ" କ୍ୟାନସର ବେମାରେମ୍ ପଢ଼େର । ନଙ୍ଗତ୍ ହେ କାଣ ଖୁବ୍ ପିସା ଲାଗତିର । ଯତରାକ୍ ସେଟ୍ ଅନ୍ ମୋଟୋ ମୋଟୋ ହନେ ଢ଼ଇ ବିନତି କରେଲେ ବି କୋଇ କୋନ ସାମ୍‌ଲେ ।



ଗୋଟିଏ ସହରର ତଳ ସାହିରେ କିଛି ଭିକାରୀ ବସବାସ କରୁଥିଲେ । ସେମାନେ ନିତି ସହରର ବିଭିନ୍ନ ମନ୍ଦିର ସାମ୍ନାରେ ଗାମୁଛା ବିଛେଇ ସକାଳୁ ବସି ପଡୁଥିଲେ । ସନ୍ଧ୍ୟା ଯାଏ ଯାହା କିଛି ଟଙ୍କା ପାଆନ୍ତି, ତାକୁ ତାଙ୍କ ମଧ୍ୟରେ ସମାନ ଭାଗ କରି ନିଜ ନିଜ ଘରକୁ ଫେରୁଥିଲେ । ତାଙ୍କ ଜୀବନଶୈଳୀ ଶୃଙ୍ଖଳିତ ଥିଲା, ହେଲେ ଅତ୍ୟନ୍ତ ଶୋଚନୀୟ ଥିଲା । ଥରେ ରାମୁ ନାମ ଭିକାରୀ କ୍ୟାନସର ରୋଗରେ ପିଡ଼ିତ ଥିଲା । ଚିକିତ୍ସା ପାଇଁ ବହୁତ ଟଙ୍କା ଦରକାର ଥିଲା । ଯେତେ ମହାଜନ ତଥା ବଡ଼ ବଡ଼ିଆଙ୍କୁ ଗୁହାରୀ କଲେ ମଧ୍ୟ କେହି ଶୁଣିଲେ ନାହିଁ । ଶେଷରେ ସମସ୍ତ ଭିକାରୀ ମିଶି ସେମାନେ ସଂଚୟ କରିଥିବା

**ଆଖରୀମ ସପା ମାଙ୍ଗେଓ୍ୱାଲେ ମିଲ୍‌ଥାଣି, ଓ୍ୱ ହନ ରଖାରମେଳେର, ଯୋକେ ଏକ୍ ଏକ୍ ରପିୟାନ୍ ମିଲାଥାଣି, ନଙ୍ଗତ୍ କରେ । ଏର୍ ଥୋଡାକ୍ ଦନେରା ବାଦେମ୍ "ରାମୁ" ଏକଠିଆ ଶିଓ ମନ୍ଧିରେରୋ ଅଙ୍ଗାଡ଼ି ଅଙ୍ଗୋଚି ପଟକା ଓ୍ୱଛାଥାଣି ବେଠେରେ । ଉ ଦନ ଉ ଜିଲ୍ଲାରୋ ଜିଲ୍ଲାପାଳ ଦର୍ଶନ କରେନ୍ ମନ୍ଧିରେମ୍ ଆଏର୍ ଅନ ଯାଏ ଉଣା ରାମୁନ ଏକଠିଆ ଶିକା ଦିନୋ । ଥୋଡ଼ାକ୍ ସମୟାର୍ ବାଦେମ ରାମୁ ଉଠଗୋ ଅନ ଜିଲ୍ଲାପାଳେ ଢ଼ଇ ଉ ଦନ ଯାଥାଣି ଓର୍ ହାତେନ୍ ପକ୍‌ଡ଼ୋ ଅନ୍ ଥୋଡାକ୍ ରପିୟା ଦେ ଦିନୋ । ଜିଲ୍ଲାପାଳ କାଇ ଭି ସମଝନ୍ କୋନ୍ ସକୋ ଅନ ଓନେ ପୁଛୋ ।**



ଗୋଟିଏ ଗୋଟିଏ ଟଙ୍କାକୁ ଏକାଠି କରି ତାଙ୍କର ଚିକିତ୍ସା କଲେ ।ଏହାର କିଛିଦିନ ପରେ ରାମୁ ଏକ ଶିବ ମନ୍ଦିର ସାମ୍‌ନାରେ ଗାମୁଛା ବିଛେଇ ବସିଥିଲା । ସେ ଦିନ ସେହି ଜିଲ୍ଲାର ଜିଲ୍ଲାପାଳ ଦର୍ଶନ ପାଇଁ ମନ୍ଦିରକୁ ଆସିଲେ ଏବଂ ଯିବା ସମୟରେ ରାମୁକୁ ଗୋଟିଏ ମୁଦ୍ରା ଦେଲେ । କିଛି କ୍ଷଣରେ ରାମୁ ସେଇଠୁ ଉଠି ଜିଲ୍ଲାପାଳଙ୍କ ପାଖକୁ ଦୌଡ଼ିଯାଇ ତାଙ୍କ ହାତକୁ ଧରି ତାଙ୍କୁ କିଛି ମୁଦ୍ରା ଦେଲା । ଜିଲ୍ଲାପାଳ କିଛି ବୁଝି ପାରିଲେ ନାହିଁ ଏବଂ ତାକୁ ପଚାରିଲେ "ଆରେ ଏଇଟା କ'ଣ କରୁଛ ? ମୁଁ ତୁମକୁ ଗୋଟିଏ ମୁଦ୍ରା ଦେଲି, ତୁମେ ମୋତେ ଏତେ ମୁଦ୍ରା କ'ଣ ପାଇଁ ଦେଉଛ ?"

**ଅରେ ଇ କାଇଁ କର ରେଛି ? ମ ତୋନ ଏକ ଠିଆ ଶିକା ଦିନୋ ତୁ ମନ ଅତ୍ରାକାଇ କାଣ ଦେ ରେଛି ? ତାହେଲେ ରାମୁ କୋ, ଆଜ୍ଞା ! ହାମାରୋ ଏକ୍‌ଠିଆ ନିୟମଛ, କି ଏକଝଣା ସି ଖାଲି କଏଜ୍ ରପିୟା ଲିହାଁ । ତୁ ଦଶ ରପିୟାରୋ ଶିକା ଦିନେରଶ୍, ଓର କାଣ ମ ତୋନ୍ ନଅ ରପିଆ ଫେରାଏଛୁ ।ଏକଝଣା ମାଙ୍ଗେଓ୍ୱାଳେରୋ ଅଶୋଓ୍ୱାତେନ ସାମଳଥାଣି ଜିଲ୍ଲାପାଳ ଦଙ୍ଗରେଗୋ ଅନ ଓର୍ ଆଖିମ ଆଶୁ ଉରାଗି । ଧିରେ ବୋଲିମକୋ, "ଅଶୋ ସପା ଅଗର ନିୟମା ମାନନ ଚଲତେ ତୋ ସମାଜ ସୁଧର ଜାତୋ" ।**



ତେବେ ରାମୁ କହିଲା ଆଜ୍ଞା ! ଆମର ଏଇଠି ଗୋଟିଏ ନିୟମ ଅଛି କି ଜଣକ ଠାରୁ କେବଳ ଗୋଟିଏ ଟଙ୍କା ଗ୍ରହଣ କରିବୁ । ଯେହେତୁ ଆପଣ ଦଶ ଟଙ୍କିଆ ମୁଦ୍ରା ଦେଲେ, ତେଣୁକରି ଆପଣଙ୍କୁ ନଅଟଙ୍କା ଫେରାଉଛି ।ଜଣେ ଭିକାରୀର ଏହି କଥା ଶୁଣି ଜିଲ୍ଲାପାଳ ସ୍ତବ୍ଧ ହୋଇଗଲେ ଏବଂ ତାଙ୍କ ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଗଲା । ଆବେଗ ଭରା ସ୍ୱରରେ ସେ କହିଲେ, "ଏଭଳି ସମସ୍ତେ ଯଦି ନିୟମ ମାନନ୍ତେ ତାହାଲେ ସମାଜ ଶୃଙ୍ଖଳିତ ହୋଇଯାଆନ୍ତା !"

# ଚୋରି କରେଲେ ଜୀଓ୍ୱନ୍ ବେକାର (ଚୋରୀର ଫଳ)

ତିନ୍ ଝଣା ଖତରା ଚୋର ର । ଏକ୍ ଦନ୍ ଚୋର୍‌ମନ୍ ଏକ୍ ଝଣା ଅମୀର୍ ବେପାରୀ ଘରେସି କତରା ବଲା ଚିଜ୍‌ଇସ୍‌ରା ହୁସିଆରୀସି ଚୋରୁନ୍ ଲେଗେ । ଚୋରି ଚିଜେ ହନେନ ତିନି ଝଣା ଏକଠିଆ ଘଣୋ ଡୁଙ୍ଗରେମ ଲେଥାଣି ଚଲେଗେ । ଅନ୍ ଓନ୍‌ହେର୍ ଓନ୍‌ହେର୍ ମାହିସ୍ ଏଟା ପାଡ୍ରେ କାଣ ବିଚାର କିଦେ । ନଙ୍ଗତ୍ ଦନେସି ତିନି ଝଣା କାଇ କୋନ୍ ଖାଦେର ଓର୍ କାଣ ଓନ୍‌ହେନ ରହିତ୍ ଭୁକ୍ ଲାଗ୍‌ରେର । ଓର୍ କାଗେ ଓମନ୍ ଅଙ୍ଘାଡ଼ି ଖା ଥାଣି ପଛ ରୋରାଏ ଚିଜ୍ ଇସ୍‌ରାନ୍ ଏଟା ପାଡ଼ିହାଁ କରେନ୍ ଭାବେ ।




ତିନି ଜଣ ଦୁର୍ଦ୍ଦାନ୍ତ ଚୋର ଥିଲେ । ଦିନେ କଳେ ବଳେ କୌଶଳେ ଜଣେ ଧନୀ ବେପାରୀ ଘରୁ ପ୍ରଚୁର ଧନସଂପତି ଚୋରି କଲେ । ଚୋରି ଜିନିଷ ସବୁ ତିନିହେଁ ଏକ ଘଞ୍ଚ ଜଙ୍ଗଲକୁ ନେଇ ପଳାଇଲେ ଏବଂ ପରସ୍ପର ମଧ୍ୟରେ ବାଣ୍ଟିବା ପାଇଁ ସ୍ଥିର କଲେ । ପୂର୍ବରୁ ତିନିହେଁ କିଛି ଖାଇ ନଥିବାରୁ ସେମାନଙ୍କୁ ପ୍ରବଳ ଭୋକ ଲାଗିଲା । ତେଣୁ ସେମାନେ ପ୍ରଥମେ ଭୋଜନ କରିବେ ତା'ପରେ ଚୋର ଧନ ବାଣ୍ଟିବେ ବୋଲି ସ୍ଥିର କଲେ ଜଣେ ଚୋର ପାଖ ସହରକୁ ଖାଇବା ଆଣିବାକୁ ଗଲା ।

**ଏକ ଝଣା ଚୋର ଢ଼ାଇଁ କୋଲାର ସହରେମ୍ ଖାଏରୋ ଲେନ୍ ଗୋ । ଚୋର୍‌ହର୍ ସପା ଚିଜ୍ ଇସରା ନ ଏକ୍‌ଲୋ ଲେଜା ହିଁ କରେନ୍ ସୋଚ୍ ଥାଣି ଦୋଇ ଚୋରେରୋ ଖାଏରେମ୍ ଜହର୍ ମିଲା ଦିନୋ ।ଇଉଡ଼ି ଦୋଇ ଚୋର ଖାଏନ୍ ଲେନ୍ ଗେର ଚୋରେନ ମାର୍‌ଥାଣି ସାରିଚିଜ୍ ଇସରାନ ଦୋଇ ଝଣା ଏଟା ପାଡ଼ିହାଁ କରେନ୍ ସୋଁଚ୍ ଲିଦେ । ଯଶୋ ଚୋର୍ ହର୍ ଖାଏରେନ୍ ଧରନ୍ ଆଓ, ଅଙ୍ଗାଡ଼ିସି ଝାଡ଼େ ଓ ଧାମ ଲୁକାଥାଣି ର ଅନ୍ ଓନ ଲକ୍‌ଡ଼ି ସି ମାର୍ ମାରନ୍ ମାର୍ ନାକେ ।**



ଚୋରଟି ସବୁ ଧନ ଏକା ନେବ ବୋଲି ଭାବି ଦୁଇ ଚୋରଙ୍କ ଖାଦ୍ୟରେ ବିଷ ମିଶାଇ ଦେଲା । ଏପଟେ ଦୁଇ ଜଣ ଚୋର ଖାଇବାକୁ ଯାଇଥିବା ଚୋରକୁ ମାରି ଧନ ଦୌଲତ ଦୁହିଁଙ୍କ ଭିତରେ ବାଣ୍ଟିବେ ବୋଲି ଉପାୟ ପାଞ୍ଚିଲେ । ଯେମିତି ଚୋର ଜଣକ ଖାଇବା ନେଇକି ଆସିଛି ପୂର୍ବରୁ ଗଛ ଆଢୁଆଳରେ ଲୁଚି ରହିଥିବା ଦୁଇ ଚୋର ତାକୁ କାଠ ଫାଳିଆରେ ବାଡ଼େଇ ବାଡ଼େଇ ମାରିଦେଲେ ।

**ଓର୍ ଲାହର ରହିତ୍ ଖୁସ୍ ହେଥାଣି ଉ ଚୋର ଲାମେରେ ଜକୋ ଖାନାନ ଖାଏନ୍ ଲଗ୍‌ଗେ । ଖାଏରେମ୍ ଜହର ମିଲ୍‌ରିର ଯେର୍‌କାଣ ଦୋଇଝଣା ଉଛାର୍ ଉଛାର୍ ଥାଣି ଗେଲାତ୍ ହେଗେ । ଏକ୍ କନିର୍ ବାଦେମ୍ ଦୋଇ ଝଣା ମର୍‌ଗେ । ଚୋରାଥାଣି ଜାଦା ପାପେରେ । ଭାଗୀ ହେଥାଣୀ ତିନି ଝଣାରୋ ଜିଉ ବେଟାଇମେ ମ ଖତମ୍ ହେଗି । ଜୀଓ୍ୱନେରୋ ମଜା ଲେରୋ ଅଘାଡ଼ିଜ୍ ସି ମର୍‌ଗେ । ଲାଲ୍‌ଚେ ସି ମରଣ୍ ଯଶୋ ଚୋରାଏର୍ କାମ କରେଲେ କତି ଜାଗା କୋନ୍ ମଳ ।**



ଏଥର ଦୁଇ ଚୋର ମହା ଆନନ୍ଦରେ ଅନ୍ୟ ଚୋରଟି ଆଣିଥିବା ଖାଦ୍ୟ ଖାଇବାକୁ ଲାଗିଲେ । ଖାଦ୍ୟରେ ବିଷ ମିଶିଥିବାରୁ ଦୁହେଁ ବ୍ୟକ୍ତି ବାନ୍ତି କରି ଝାଇଁଆ ହୋଇ ପଡ଼ିଲେ । ଅଳ୍ପ ସମୟ ଭିତରେ ଦୁହିଁଙ୍କର ପ୍ରାଣବାୟୁ ଉଡ଼ିଗଲା । ଚୋରି କରି ଘୋର୍ ପାପରେ ଭାଗିହୋଇଥିବା ତିନି ଚୋରଙ୍କ ପ୍ରାଣ ଅକାଳରେ ମଉଳି ଗଲା । ଜୀବନର ସ୍ୱାଦ ଚାଖିବା ପୂର୍ବରୁ ଆର ପାରିକୁ ଚାଲିଗଲେ । ଲୋଭରୁ ମୃତ୍ୟୁ ହେବାଭଳି ଚୋରି କାମ କଲେ ନିସ୍ତାର ମିଳେ ନାହିଁ ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର